# ବର୍ଷୀୟାନ ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକ

ଶ୍ରୀନିବାସ ଆଚାର୍ଯ୍ୟ

**ଅ**ତୀତରେ ଯୁଗସୃଷ୍ଟିକାରୀ ମହାପୁରୁଷମାନେ ସେମାନଙ୍କର ଅମୂଲ୍ୟ ସମୟ, ଅକ୍ଳାନ୍ତ ପରିଶ୍ରମ, ଅମାପ ଶକ୍ତି ତଥା ବିଚକ୍ଷଣ ବୁଦ୍ଧି ପ୍ରୟୋଗ କରି ସ୍ୱଦେଶ ଓ ଜାତିର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଥିଲେ । ସେହିପରି ପୁରୀ ଜିଲ୍ଲାର ନିମାପଡ଼ା ଭିଟାମାଟି ଉପରେ ଜନ୍ମଲାଭ କରିଥିଲେ କେତେଜଣ ମହାପୁରୁଷ । ସୁପ୍ତଥିବା ନିମାପଡ଼ାବାସୀଙ୍କୁ ଜାଗ୍ରତ କରାଇବାରେ ଥିଲେ ପ୍ରଥମ ପଥ ପ୍ରଦର୍ଶକ । ସେମାନଙ୍କ ମଧ୍ୟରେ ଭବାନୀ ଚରଣ ପଟ୍ଟନାୟକ ହେଉଛନ୍ତି ଅନ୍ୟତମ । ଏପରି ଏକ ଅମୃତ ବେଳାରେ ନିମାପଡ଼ାସ୍ଥିତ ଅଣ୍ଡିଆ ଗ୍ରାମରେ ପିତା ନାରାୟଣ ପଟ୍ଟନାୟକ ଓ ମାତା କୁମୁଦିନୀ ଦେବୀଙ୍କ ଔରସରୁ ତା.୧୧.୦୫.୧୯୨୨ରିଖ ଗୁରୁବାର ବୈଶାଖ ବୁଦ୍ଧ ପୂର୍ଣ୍ଣିମା ତିଥିରେ ଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଭୂମିଷ୍ଠ ହୋଇଥିଲେ । ମାତା କୁମୁଦିନୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମଲାଭ କରିଥିଲେ ଭବାନୀ ବାବୁ । ପିତା ନାରାୟଣ ବାବୁ ଥିଲେ ଜଣେ ମୋହରିର ଓ ପରୋପକାରୀ ବ୍ୟକ୍ତି । ତାଙ୍କର ପରାମର୍ଶ ଓ ସାହାଯ୍ୟ ନେବା ପାଇଁ ନିଜ ଗ୍ରାମ ଓ ଆଖପାଖ ଅଞ୍ଚଳରୁ ବହୁ ଲୋକ ତାଙ୍କ ନିକଟରେ ପହଞ୍ଚୁଥିଲେ । ନୀତି ଓ ଆଦର୍ଶକୁ ନିଜର କର୍ମମୟ ଜୀବନରେ ଆଦରି ନେଇଥାଆନ୍ତି ନାରାୟଣ ବାବୁ । ମାତା ଥିଲେ ଜଣେ ସୁଗୃହିଣୀ ଓ ଧର୍ମପରାୟଣା ମହିଳା । ପୁତ୍ର ଭବାନୀଙ୍କ ଉପରେ ପିତାମାତାଙ୍କର ଏହିସବୁ ସୁଗୁଣର ପ୍ରଭାବ ପଡ଼ିଥିଲା ବାଲ୍ୟଜୀବନରୁ ।



ତୁଳସୀ ଦୁଇପତ୍ରରୁ ବାସିଲା ପରି ଭବାନୀ ବାଲ୍ୟ ଜୀବନରୁ ତାଙ୍କର ଦେଶସେବା ଭାବ ଜଣାପଡ଼ିଥିଲା । ୧୯୩୨ ମସିହାରେ ସେ ଥିଲେ ନିମାପଡ଼ା ପ୍ରାକ୍ଟିସିଙ୍ଗ୍ ପ୍ରାଇମେରୀ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ର । ୧୯୧୨ ମସିହା ଡିସେମ୍ବର ୧୨ ତାରିଖ ଦିନ ଇଂଲଣ୍ଡର ସମ୍ରାଟ ପଞ୍ଚମ ଜର୍ଜ ଭାରତ ପରିଦର୍ଶନରେ ଆସିଥିଲେ । ତାଙ୍କ ସମ୍ମାନାର୍ଥେ ରାଜକୀୟ ଢାଞ୍ଚାରେ ଭାରତର ସମସ୍ତ ବିଦ୍ୟାଳୟରେ ପ୍ରତିବର୍ଷ ଡିସେମ୍ବର ବାର ତାରିଖଟି ପାଳନ କରାଯାଉଥିଲା । ଏହି ଦିନଟିକୁ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶୋଭାଯାତ୍ରା ଓ ସଭାସମିତି ମାଧ୍ୟମରେ ପାଳନ କରିଥାନ୍ତି । ଶୋଭାଯାତ୍ରାରେ ଗଲାବେଳେ ଇଂରେଜ ସରକାର ଓ ପଞ୍ଚମ ଜର୍ଜଙ୍କ ଜୟଗାନ, ଗୀତ ଓ ସ୍ଲୋଗାନ ମାଧ୍ୟମରେ କରାଯାଇଥାଏ । ଭବାନୀବାବୁ ପଢୁଥିବା ବିଦ୍ୟାଳୟର ଛାତ୍ରମାନେ ଶୋଭାଯାତ୍ରାରେ ନିମାପଡ଼ା ଥାନା ସମ୍ମୁଖରେ ଭବାନୀବାବୁ ଓ ଅନ୍ୟ ୨/୩ ଜଣ ଛାତ୍ର ଉଚ୍ଚସ୍ୱରରେ ପଞ୍ଚମ ଜର୍ଜଙ୍କ ପରିବର୍ତ୍ତେ ଗାନ୍ଧିଜୀଙ୍କ ଜୟଧ୍ୱନି ଦେଇଥିଲେ । ପୋଲିସ୍ ହାକିମଙ୍କ ଡରରେ ଶିକ୍ଷକମାନଙ୍କ କୋପଦୃଷ୍ଟି ପଡ଼ିଥିଲା ସେହି ୩/୪ ଜଣ ଛାତ୍ରଙ୍କ ଉପରେ। ବିଦ୍ୟାଳୟରେ ଯେତେବେଳେ ମିଷ୍ଟାନ୍ ବଣ୍ଟନ ହେଲା, ସେତେବେଳେ ସେହି ଛାତ୍ରମାନଙ୍କୁ ମିଷ୍ଟାନ୍ନ ପରିବର୍ତ୍ତେ ଦିଆଯାଇଥିଲା ଛାଟର ପ୍ରହାର । ସେହି ଛାଟର ପ୍ରହାର ଥିଲା ଭବାନୀ ବାବୁଙ୍କ ପାଇଁ ଏକ ନୂତନ ପ୍ରେରଣା । ଅନ୍ୟ ଗୋଟିଏ ଘଟଣାରୁ ଭବାନୀବାବୁଙ୍କ ବାଲ୍ୟ ଜୀବନରୁ ଦେଶ ପ୍ରୀତିର ଆଭାସ ମିଳିଥିଲା । ୧୯୩୮ ମସିହାରେ ସେ ଥିଲେ ନିମାପଡ଼ା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର । କୌଣସି କାରଣରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଧୁସୂଦନ ବିଶ୍ୱାଳ ଓ ତତ୍କାଳୀନ ଜମିଦାରଙ୍କ ମଧ୍ୟରେ ମତାନ୍ତର ଥିଲା । ସେହି ଆଳରେ ଗ୍ରୀଷ୍ମ ଛୁଟିରେ ବିଦ୍ୟାଳୟର ଖେଳପଡ଼ିଆ (ବାରବାଟୀ)କୁ ଜମିଦାର ତାରବାଡ଼ ଦେଇ ଜବରଦଖଲ କରିଥିଲେ । ଗ୍ରୀଷ୍ମ ଛୁଟି ପରେ ଭବାନୀବାବୁଙ୍କ ନେତୃତ୍ୱରେ ସମସ୍ତ ଛାତ୍ର ଏହାର ପ୍ରତିବାଦ କରିଥିଲେ । ସ୍ଥାନୀୟ ନେତୃବୃନ୍ଦ ସ୍ୱର୍ଗତଃ ମୋହନ ଦାଶ, ମଧୁସୂଦନ ଦାଶ, ଜଗବନ୍ଧୁ ସିଂହ ଇତ୍ୟାଦିଙ୍କର ଉଦ୍ୟମ ଯୋଗୁଁ ବହୁ ଘାତ ପ୍ରତିଘାତ ଓ ବାଦାନୁବାଦକୁ ମୁକାବିଲା କରି ଖେଳ ପଡ଼ିଆଟିକୁ ବିଦ୍ୟାଳୟ ପରିସରକୁ ଆଣିବାରେ ସମର୍ଥ ହୋଇଥିଲେ ଛାତ୍ରନେତା ଭବାନୀ ବାବୁ ।

ଭବାନୀବାବୁ ଜଣେ ଆଦର୍ଶ ଓ ଶୃଙ୍ଖଳିତ ଛାତ୍ର ଭାବରେ ବିଦ୍ୟାଳୟର ଶିକ୍ଷକମାନଙ୍କର ହୃଦୟ କିଣି ନେଇଥିଲେ । ପାଠପଢ଼ା

ସହିତ ବିଦ୍ୟାଳୟର ଖେଳ କସରତଠାରୁ ଆରମ୍ଭ କରି ବଗିଚା, ସଫେଇ, ସେବାକାର୍ଯ୍ୟ, ବଣଭୋଜୀ, ସ୍କାଉଟ ଇତ୍ୟାଦି କାର୍ଯ୍ୟରେ ସେ ଥିଲେ ଅଗ୍ରଣୀ । ତତ୍କାଳୀନ ଶିକ୍ଷକ ପଦ୍ମଲାଭ ମହାପାତ୍ର, ଯୋଗିନ୍ଦ୍ର ସ୍ୱାଇଁ, ବିନାୟକ ମହାପାତ୍ର, ପଣ୍ଡିତ ଅଜୟ ମିଶ୍ର ଇତ୍ୟାଦିଙ୍କ ନୀତି, ଆଦର୍ଶ ଓ ଉପଦେଶରେ ଅନୁପ୍ରାଣିତ ହୋଇଥିଲେ ଭବାନୀବାବୁ ।

ଭବାନୀବାବୁଙ୍କ ଜନ୍ମ ପୂର୍ବରୁ ସମଗ୍ର ଭାରତରେ ଜାଗି ଉଠିଥିଲା ତୁହାକୁ ତୁହା ଇଂରେଜ ସରକାରଙ୍କ ବିରୁଦ୍ଧରେ ମୁକ୍ତିକାମୀ ସଂଗ୍ରାମର ବହ୍ନି । ନିମାପଡ଼ା ସ୍ୱାଧୀନତା ସଂଗ୍ରାମୀ ମଧୁସୂଦନ ଦାଶ, ଜଗବନ୍ଧୁ ସିଂହ, ଗଙ୍ଗାଧର ମହାନ୍ତି, ମୋହନ ଦାଶ, ଗନ ଦାଶ, ପ୍ରହଲ୍ଲାଦ ସାହୁ, ମହେଶ୍ୱର ମହାନ୍ତି, ନିତ୍ୟାନନ୍ଦ ଓଝା, ଅଭିରାମ ମହାନ୍ତି, ଫକୀର ସ୍ୱାଇଁ, ଅଲେଖ ପାତ୍ର, ଲକ୍ଷ୍ମଣ ବାରିକ ପ୍ରମୁଖ ନିଷ୍ଠା ଓ ତ୍ୟାଗ ବଳରେ ମୁକ୍ତିକାମୀ ସଂଗ୍ରାମର କର୍ଣ୍ଣଧାର ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜାରି ରଖିଥିଲେ ଏହି ସଂଗ୍ରାମ । ନିମାପଡ଼ାର ଛାତ୍ର ଲୋକନାଥ ସେନାପତି, ଉପେନ୍ଦ୍ର ମହାନ୍ତି, ପଦ୍ମଚରଣ ସାମନ୍ତ ସିଂହାର, ପୂର୍ଣ୍ଣଚନ୍ଦ୍ର ସାହୁ, ବୈକୁଣ୍ଠ ସେନାପତି ବ୍ରଜ ମହାନ୍ତି ଇତ୍ୟାଦି ପାଠପଢ଼ା ଛାଡ଼ି ଯୋଗ ଦେଇଥାନ୍ତି ଏହି ସଂଗ୍ରାମରେ । ଅତୀତରେ ଘଟିଯାଇଥିବା ଲବଣ ସତ୍ୟାଗ୍ରହ ଓ ଚାଷୀ ଆନ୍ଦୋଳନ ନିମାପଡ଼ାର କର୍ମୀମାନଙ୍କୁ ୧୯୪୨ର ଭାରତଛାଡ଼ ଆନ୍ଦୋଳନକୁ ଖୋରାକ ଯୋଗାଇଥିଲା । ନାରୀନେତ୍ରୀ ମାଳତୀ ଚୌଧୁରୀ, ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ ବହୁବାର ନିମାପଡ଼ା ଆସି କର୍ମୀମାନଙ୍କୁ ତାଲିମ ଦେବା ସଂଗେସଂଗେ ସଂଗଠନକୁ ଦୃଢ଼ କରିବା ପାଇଁ ପଦକ୍ଷେପ ନେଉଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସ ୧୯୨୭ ମସିହାରେ ମୃତ୍ୟୁବରଣ କରିଥିଲେ ମଧ ତାଙ୍କ ନାମ ଓ କାର୍ଯ୍ୟକଳାପ ଶୁଣି ଶୁଣି, ସେବା କାର୍ଯ୍ୟରେ ପ୍ରଭାବିତ ହୋଇଯାଇଥିଲେ ଭବାନୀବାବୁ । ସର୍ବୋପରି ଭବାନୀବାବୁଙ୍କ ପାଇଁ ଅମୋଘ ଅସ୍ତ୍ର ଥିଲା ଗାନ୍ଧିଜୀଙ୍କର ଅହିଂସା ରୂପକ, ମୁକ୍ତିକାମୀ ସଂଗ୍ରାମର ଆହ୍ୱାନ । ଏହିସବୁ ଜନନାୟକଙ୍କର ନୀତି ଓ ଆଦର୍ଶ ଚୁମ୍ବକୀୟ ଶକ୍ତିପରି ଆକର୍ଷିତ କରିଥିଲା ୨୦ ବର୍ଷର ଯୁବକ ତଥା ଛାତ୍ରନେତା ଭବାନୀବାବୁଙ୍କୁ । ପାଠପଢ଼ାରେ ଡୋରି ବାନ୍ଧି ଭବାନୀବାବୁ ଝାସ ଦେଇଥିଲେ ଭାରତମାତାର ସେବା କାର୍ଯ୍ୟରେ ।

୧୯୩୮ ମସିହାଟି ଥିଲା ଭବାନୀବାବୁଙ୍କ ପାଇଁ ସେହି ବର୍ଷ ସେ ତାଙ୍କର ପିତାଙ୍କୁ ହରାଇଥିଲେ । ସେହି ସମୟରେ ଗାନ୍ଧୀଙ୍କ ଓଡ଼ିଶା ଆଗମନ ଅବସରରେ ପୁରୀ ଜିଲ୍ଲା ଡେଲାଙ୍ଗ ଅନ୍ତର୍ଗତ ବେରବୋଇଠାରେ ଗାନ୍ଧିଜୀ କର୍ମୀମାନଙ୍କୁ ତାଲିମ ମାଧମରେ ନୀତି ଉପଦେଶ ଦେଇଥିଲେ । ଗାନ୍ଧୀଙ୍କୁ ସେତେବେଳେ ଦେଖିପାରିନଥିଲେ ଭବାନୀବାବୁ । ଏହା ଥିଲା ତାଙ୍କ ପାଇଁ ଏକ ହୃଦୟସ୍ପର୍ଶୀ ଘଟଣା । କିନ୍ତୁ ତାଙ୍କର ସହଧର୍ମିଣୀ ଅବିବାହିତ ଥିଲାବେଳେ ଏକ ଶଗଡ଼ଗାଡ଼ିରେ ତାଙ୍କ ପିତାମାତାଙ୍କ ସହିତ ବେରବୋଇ ଯାଇ ଗାନ୍ଧୀଙ୍କ ଦର୍ଶନର ସୌଭାଗ୍ୟ ଲାଭ କରିଥିଲେ ।

ନିମାପଡ଼ା ଥାନା ଦଖଲର ନିର୍ଦ୍ଧାରିତ ତାରିଖ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୧୬ ତାରିଖ ସମୟ ୩ ଘଟିକା । ନିମାପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶହ ଶହ କର୍ମୀ ଓ ଜନତା ସେମାନଙ୍କର ଜୀବନକୁ ଭ୍ରୂକ୍ଷେପ ନକରି ସମବେତ ହୋଇଥିଲେ ନିମାପଡ଼ା ହାଟ ବାରବାଟୀ ପଡ଼ିଆରେ । ପ୍ରାୟ ୬ ଫୁଟ ଉଚ୍ଚତା, ସୁସ୍ଥ ଓ ସବଳ ଶରୀରରେ, ଆବୃତ ଆଣ୍ଠୁ ନ ଲୁଚା ଖଦଡ଼ ଲୁଗା, ହାତକଡ଼ା କାମିଜି ଉପରେ ଏକ ଜହର କୋର୍ଟ, ମୁଣ୍ଡରେ ଏକ ଧଳାରଙ୍ଗର ଟୋପି ସହିତ ଉଭା ହୋଇଥିଲେ ଭବାନୀବାବୁ । ଜନସ୍ରୋତ ମଧ୍ୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ ପରେ ଭବାନୀବାବୁଙ୍କ ନେତୃତ୍ୱରେ ଅସଂଖ୍ୟ କର୍ମୀ ଓ ଲଢୁଆ ସଂଗ୍ରାମୀ ଭାରତମାତା ଓ ଗାନ୍ଧୀଙ୍କ ଜୟଗାନ କରି ଥାନା ଅଭିମୁଖେ ଅଗ୍ରସର ହୋଇଥିଲେ । ଥାନାର ସୁରକ୍ଷା ପାଇଁ ଅସଂଖ୍ୟ ପୋଲିସ ବାହିନୀ ସମେତ ଜମାଦାର, କନେଷ୍ଟବଳ ଓ ଚୌକିଦାରମାନେ ଜାଗ୍ରତ ରହିଥିଲେ । ଗୋପରୁ ଆସିଥିବା ପୋଲିସ ହାକିମ ସତୀଶ ବାବୁଙ୍କୁ ଭବାନୀବାବୁ ଚାକିରି ଛାଡ଼ି ଦେଶ ଓ ଜାତି ସେବା କରିବା ପାଇଁ ପରାମର୍ଶ ଦେଇଥିଲେ । ସାତଦିନ ସମୟ ମାଗିଥିଲେ ସତୀଶବାବୁ । ସେଠାରେ ସମବେତ ଜନତାଙ୍କ କବଳରୁ ମୁକ୍ତି କରିଥିଲେ ସତୀଶବାବୁଙ୍କୁ । ଚାହୁଁ ଚାହୁଁ ଥାନା ପରିସରଟି ହୋଇଗଲା ଏକ ରଣକ୍ଷେତ୍ର । ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଇ ଏହି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ବୁଝାଇଥିଲେ । ବିକ୍ଷୋଭକାରୀ ମଧ ପୋଲିସବାବୁଙ୍କୁ ଚାକିରି ଛାଡ଼ି ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ନିବେଦନ କରିଥିଲେ । ପ୍ରଥମେ ବିକ୍ଷୋଭକାରୀଙ୍କୁ ଡରାଇବା ପାଇଁ ପୋଲିସ ଏକ ରାଉଣ୍ଡ ଫାଙ୍କାଗୁଳି ଫୁଟାଇଥିଲେ । ଏହାକୁ ବରଦାସ୍ତ ନ କରି ପ୍ରଥମେ ଧସେଇ ଥାନା ଭିତରେ ପଶିଥିଲେ ୬ ଜଣ ଲଢୁଆ କର୍ମୀ । ସେମାନେ ହେଲେ ଲୋକନାଥ ସେନାପତି, ନରହରି ସାହୁ, ନିତ୍ୟାନନ୍ଦ ଓଝା, ଅଲଖ ପାତ୍ର, ଫକୀର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ । ପୋଲିସ ବନ୍ଧୁକରେ ଠେଲି ଠେଲି ନେଇଗଲେ ସେମାନଙ୍କୁ ଥାନା ଭିତରକୁ । ଏହି ସମୟରେ ଭବାନୀବାବୁ ଓ ଚକ୍ରଧର ପାତ୍ର ଥାନା ସମ୍ମୁଖରେ ଥିବା କର୍ମୀଙ୍କ ଜନତାଙ୍କୁ ଉଚ୍ଚସ୍ୱରରେ ଉତ୍ତେଜିତ କରାଉଥିଲେ ଥାନା ଘେରାଉ କରିବା ସପକ୍ଷରେ । ପ୍ରେସିଡେଣ୍ଟ କ୍ଷେତ୍ରମୋହନ ମହାନ୍ତି ଥାନା ଭିତରୁ ଗୁପ୍ତରେ ଈଶରା ଦେଲେ ସେଠାରୁ ଭବାନୀବାବୁଙ୍କୁ ନେଇଯିବା ପାଇଁ । ନହେଲେ ତାଙ୍କ ଉପରେ ହେବ ପ୍ରଥମ ଗୁଳିମାଡ଼ । ତାଙ୍କର ଅନିଚ୍ଛା ସତ୍ତ୍ୱେ ତାଙ୍କ ଗ୍ରାମର ୩/୪ ଜଣ ଯୁବକ ତାଙ୍କୁ ସେଠାରୁ ଟେକି ନେଇ ଗୋଟିଏ ଘରେ କୋଳପ ପକାଇ ଦେଲେ । ଏହି ମାତ୍ର କେତୋଟି ମୁହୂର୍ତ୍ତ ମଧ୍ୟରେ ପୋଲିସ ବାହିନୀ ତରଫରୁ ୧୨ ରାଉଣ୍ଡ ଗୁଳି ଫୁଟିଥିଲା । ଗୁଳିର ଆଘାତରେ ୫୫ ବର୍ଷର ଉଚ୍ଛବ ମଲିକ ଶହୀଦ ହେବା ସଂଗେସଂଗେ ୨୭ ଜଣ ରକ୍ତାକ୍ତ ଭାବେ ଆଘାତ ପ୍ରାପ୍ତ ହୋଇଥିଲେ । ସନ୍ଧ୍ୟା ହୋଇ ଆସୁଥିବାରୁ କ୍ରମଶଃ କର୍ମୀମାନଙ୍କର ସମାବେଶ କମି ଯାଇଥିଲା । ଏହି ଘଟଣାରେ ଭବାନୀବାବୁଙ୍କ ସମେତ

୪୩ ଜଣ ବିଭିନ୍ନ ଦଫା ଓ ଭିନ୍ନ ଭିନ୍ନ ସମୟରେ ବନ୍ଦୀ ହୋଇ ପୁରୀ ଜେଲରେ ରହିଥିଲେ ।

ଭବାନୀବାବୁଙ୍କ ମାତା କୁମୁଦିନୀ ଦେବୀଙ୍କ ଉପରେ ପଡ଼ିଥିଲା ଅକାଳ ବିପଦ । ସ୍ୱାମୀ ଓ ସପ୍ତମ ଗର୍ଭର ପୁତ୍ର ମୃତ୍ୟୁଠାରୁ ଭବାନୀବାବୁଙ୍କ ବନ୍ଦୀ ଥିଲା ତାଙ୍କ ପାଇଁ ଏକ ବଜ୍ର ଚଡ଼କ । ଦାରୁଣ ଦୁଃଖ, ବ୍ୟସ୍ତ ଓ ବିବ୍ରତରେ ମ୍ରିୟମାଣ ହୋଇ ଭାଙ୍ଗି ପଡ଼ିଥିଲେ ମଧ ପୁତ୍ରର ଦେଶାତ୍ମକ କାର୍ଯ୍ୟ ପାଇଁ ଆତ୍ମ ସନ୍ତୋଷ ଲାଭ କରି ବଞ୍ଚି ରହିଥିଲେ ମାତା କୁମୁଦିନୀ । ମାତାଙ୍କ ସ୍ନେହରୁ ଦୂରେଇ ରହି ଜାତି ଓ ଦେଶପାଇଁ ଉତ୍ସର୍ଗ କରିଥିଲେ ସେ ତାଙ୍କର ଅମୂଲ୍ୟ ଜୀବନକୁ । ଥାନା ପାଖରେ ମାତାଙ୍କୁ ସାକ୍ଷାତ ନ ଦେଇ ଆଗେଇ ଯାଇଥିଲେ ବନ୍ଦୀ ହୋଇ । ମାତା କୁମୁଦିନୀ ଦୁଇ ଆଖିରୁ ଲୋତକ ଧାର ବ୍ୟତୀତ ଅନ୍ୟ କିଛି କରିବାର ନଥିଲା । ଗୋଟିଏ ଗାଈ ଓ ୧୦/୧୫ଟି ନଡ଼ିଆଗଛ ସମ୍ବଳ ବ୍ୟତୀତ ଅନ୍ୟ କିଛି ରୋଜଗାର ପନ୍ଥା ମାତା କୁମୁଦିନୀଙ୍କର ନଥିଲା । ପୁତ୍ର ଭବାନୀବାବୁଙ୍କ ଅନୁପସ୍ଥିତିରେ ଦୁଃଖକୁ ଛାତିରେ ଜାବୁଡ଼ି ଧରି କାଳାତିପାତ କରୁଥିଲେ ।

ଭବାନୀବାବୁ ଦୀର୍ଘ ୩ ବର୍ଷ ଆଠମାସ ଅର୍ଥାତ୍ ୧୯୪୨ ମସିହା ସେପ୍ଟେମ୍ବର ୨୦ ତାରିଖରୁ ୧୯୪୬ ମସିହା ମେ ଏକ ତାରିଖ ପର୍ଯ୍ୟନ୍ତ ପୁରୀ ଓ କଟକ ଜେଲରେ ରହିଥିଲେ । ସମ୍ପୂର୍ଣ୍ଣ ଜେଲ ଜୀବନଟି ସେ ଗାନ୍ଧୀଙ୍କ ନୀତି ଆଦର୍ଶକୁ ଆଦରି ନେଇ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ତାଙ୍କର ମଧୁର ସମ୍ପର୍କ ଓ କାର୍ଯ୍ୟକଳାପ ମାଧ୍ୟମରେ ସମସ୍ତ ପ୍ରକାର କଏଦୀଙ୍କୁ ବାନ୍ଧି ରଖିଥିଲେ ସ୍ନେହ ଓ ଶ୍ରଦ୍ଧାର ଫାଶରେ । ଜେଲ ଭିତରେ ପାଇଖାନା ସଫେଇ କାର୍ଯ୍ୟ କରିବାକୁ ପଛାଇ ନଥିଲେ ଭବାନୀବାବୁ । ପୁରୀ ଜେଲରେ ସେ ନବକୃଷ୍ଣ ଚୌଧୁରୀ, ଭଗବାନ ପ୍ରତିହାରୀ, ଆଚାର୍ଯ୍ୟ ହରିହର, ମଧୁ ନନ୍ଦଙ୍କ ପରି ଖ୍ୟାତନାମା ସଂଗ୍ରାମୀ, ସମାଜ ସେବକ ଓ ସଂସ୍କାରକ ସମ୍ପର୍କରେ ଆସିବାର ସୌଭାଗ୍ୟର ଲାଭ କରିଥିଲେ । ଜେଲ ଭିତରେ ଭବାନୀବାବୁ ଗୀତ ମାଧ୍ୟମରେ ଗାଇଥିଲେ ।

'ଡରିବାର ଯିଏ, ଡରୁଥାନ୍ତୁ ସିଏ, ଆମେ ମରିବାର ହେଲେ ମରିବା,
ଆମ ରାଇଜର ଶୋଷଣ ପ୍ରଥାକୁ ପୃଥିବୀରୁ ବିଦାୟ କରିବା ।'

ସେହିପରି କାଠଗଡ଼ା ଭିତରେ ବିଚାରପତିଙ୍କ ବିଚାରରେ ବାଧାସୃଷ୍ଟି କରାଇବା ପାଇଁ ବିଭିନ୍ନ ଦେଶାତ୍ମକ ଗୀତ ସ୍ଲୋଗାନ ମାଧ୍ୟମରେ ପ୍ରକମ୍ପିତ କରିଦେଉଥିଲେ କଚେରୀର ପରିବେଶ ।

ପୁରୀ ଜେଲରେ ସ୍ଥାନାଭାବ ଯୋଗୁଁ ଭବାନୀବାବୁଙ୍କ ସମେତ ଅନ୍ୟ କେତେଜଣଙ୍କୁ କଟକ ଜେଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେତେବେଳେ ଓଡ଼ିଶାର ବରପୁତ୍ର ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଦିଲ୍ଲୀ ଜେଲରୁ କଟକ ଜେଲକୁ ଆସିଥିଲେ । ଭାରତୀୟ ବାୟୁସେନାର ଜଣେ ଦକ୍ଷ ପାଇଲଟ୍ ଥିଲାବେଳେ ବିଜୁବାବୁ ଗୁପ୍ତରେ କେନ୍ଦ୍ରୀୟ ନେତା ମନୋହର ଲୋହିଆ ଓ ଜୟପ୍ରକାଶ ନାରାୟଣଙ୍କୁ ଜେଲରୁ ଖଲାସ କରାଇବା ଦୋଷରେ ଦଣ୍ଡିତ ହୋଇ ଦିଲ୍ଲୀ ଜେଲରେ ଥିଲେ । କଟକ ଜେଲରେ ଏହି ଦୁଇଜଣଙ୍କର ମିଳନ ଥିଲା ଗୁରୁଶିଷ୍ୟଙ୍କ ପରି ମିଳନ । ଏହି ଦୁଇଜଣଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ସୃଷ୍ଟି କରିଥିଲା ଭଲିବଲ ଖେଳ । ବିଜୁବାବୁଙ୍କର ପ୍ରେରଣାରେ ଭବାନୀବାବୁଙ୍କୁ ଟାଣି ନେଇଥିଲା ଜାତୀୟ ସ୍ରୋତ ଭିତରକୁ । ବାସ୍ତବିକ ଭବାନୀବାବୁଙ୍କ ପାଇଁ ଜେଲ ପରିସରଟି ଥିଲା ରାଜନୀତି ଓ ସମାଜସେବାର ଏକ ସାଧନାର ପୀଠ ।

ପ୍ରାକୃତିକ ଦୁର୍ବିପାକ ଥିଲା ନିମାପଡ଼ାବାସୀଙ୍କର ଚିର ସହଚର । ଭବାନୀବାବୁଙ୍କ ସମେତ ଅନ୍ୟ କେତେଜଣ ସହଯୋଗୀ ନିମାପଡ଼ାର ଗର୍ବ ଓ ଗୌରବକୁ ଫେରାଇ ଆଣିବାରେ ତଥା ଗରିବ ଚାଷୀ ଓ ମୂଲିଆଙ୍କ ମୁହଁରେ ହସ ଫୁଟାଇବା ପାଇଁ ଅଣ୍ଟା ଭିଡ଼ିଥିଲେ । ଖରା, ବର୍ଷା, ଶୀତ ଓ କାକରକୁ ଭ୍ରୂକ୍ଷେପ ନକରି ଗ୍ରାମକୁ ଗ୍ରାମ ପାଦରେ ଚାଲି ଚାଲି ଗ୍ରାମ ଭିତରେ ଥିବା ଗୋଷ୍ଠୀକନ୍ଦଳକୁ ଆପୋଶ ବୁଝାମଣାରେ ସମାଧାନ କରିବାରେ ଭବାନୀବାବୁ ଥିଲେ ସିଦ୍ଧହସ୍ତ ।

ଭବାନୀବାବୁଙ୍କର କୃଷିକଣା ଗ୍ରାମର ଅଚ୍ୟୁତାନନ୍ଦ ମହାନ୍ତିଙ୍କର କନ୍ୟା ବସନ୍ତ ମଞ୍ଜରୀଙ୍କ ସହିତ ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଦିନ ଶୁଭ ପରିଣୟ ହୋଇଥିଲା । କିନ୍ତୁ ସେହିଦିନ ନାଥୁରାମ ଗଡ଼ସେ ନାମକ ଏକ ନିଷ୍ଠୁର ବ୍ୟକ୍ତିଙ୍କ ଦ୍ୱାରା ଜାତିର ପିତା ମହାତ୍ମା ଗାନ୍ଧୀ ଶହୀଦ ହୋଇଥିଲେ । ସେହିଦିନଠାରୁ ଭବାନୀବାବୁଙ୍କ ନେତୃତ୍ୱରେ ଅନ୍ୟ କେତେଜଣ କର୍ମୀ ଆରମ୍ଭ କରିଥିଲେ ପଦଯାତ୍ରା ନିମାପଡ଼ା, ବଳଙ୍ଗା, ବାଲିଅନ୍ତା, ବାଲିପାଟଣା, ନିଆଳି, ମାଧବ, ଚାରିଛକ, ନୟାହାଟ, କାକଟପୁର, ଅସ୍ତରଙ୍ଗ, କୋଣାର୍କ ଓ ଗୋପ ଇତ୍ୟାଦି ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ବସ୍ତି । ହିନ୍ଦୁ ମୁସଲମାନ ଦୁଇ ଭାଇର ଆହ୍ୱାନ ମାଧ୍ୟମରେ ପରସ୍ପର ମଧ୍ୟରେ ସୃଷ୍ଟି କରିଥିଲେ ଭ୍ରାତୃଭାବ ଓ ଜାତିପ୍ରୀତି ପରସ୍ପର ମଧ୍ୟରେ ।

ଭବାନୀବାବୁ ଥିଲେ ଗରିବ ପ୍ରଜାକୁଳର ପରମ ବନ୍ଧୁ । ଅପରପକ୍ଷରେ ଶହ ଶହ ଚାଷୀ ମୂଲିଆ, ପ୍ରଜାମାନଙ୍କୁ ଶହ ଶହ ଏକର ଚାଷ ଜମି ହସ୍ତାନ୍ତର କରାଇପାରିଥିଲେ ।

ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ଓ ମରୁଡ଼ି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ନିଜର ଘରଦ୍ୱାର ଭୁଲି ଦୀର୍ଘଦିନ ଧରି ଡେରା ପକାଇଥାନ୍ତି ପ୍ରପୀଡ଼ିତ ଅଞ୍ଚଳରେ । ଚୂଡ଼ା, ଚାଉଳ, ଖାଦ୍ୟପେୟ, ପୋଷାକ ଓ ଔଷଧ ଯେପରି ସୁବଣ୍ଟନ ହେବ, ସେଥିପାଇଁ ସେ କର୍ମତତ୍ପର ହୋଇପଡ଼ିଥାନ୍ତି ।

ନିମାପଡ଼ା ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଭବାନୀବାବୁ ଦେଇଛନ୍ତି ତାଙ୍କ କର୍ମମୟ ଜୀବନରେ ଅଗ୍ରାଧିକାର । ସେତେବେଳେ କେବଳ ନିମାପଡ଼ାଠାରେ ଗୋଟିଏ ଉଚ୍ଚବିଦ୍ୟାଳୟ ଥିଲା । ମାତ୍ର ଅଳ୍ପ କେତୋଟି ଉ.ପ୍ରା. ଓ ମଧ୍ୟଇଂରାଜୀ ବିଦ୍ୟାଳୟ ସମଗ୍ର ନିମାପଡ଼ା ଅଞ୍ଚଳରେ ଥିଲା । ତେଣୁ ଛୋଟ ଛୋଟ କୋମଳମତି

ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହୋଇ ଅଜ୍ଞାନ ରୂପକ ଅନ୍ଧକାରରେ ରହୁଥିଲେ । ପଦ୍ମଚରଣବାବୁ ପୁରୀ ଜିଲ୍ଲାର ଲୋକାଲ ବୋର୍ଡ଼ ଓ ଜିଲ୍ଲା ବୋର୍ଡ଼ର ସଭାପତି ସମୟରେ ଓ ଭବାନୀବାବୁଙ୍କ ଉଦ୍‌ଯୋଗରେ ଶହ ଶହ ଶିକ୍ଷକ ନିଯୁକ୍ତି ପାଇଥିଲେ ।

ଭବାନୀବାବୁ କେବଳ ନିମାପଡ଼ା ଅଞ୍ଚଳରେ ସୀମିତ ନରହି ଓଡ଼ିଶା କାହିଁକି ସର୍ବଭାରତୀୟ ସ୍ତରରେ ଜଣେ ସମାଜସେବକ ରୂପେ ସୁପରିଚିତ ହୋଇପାରିଛନ୍ତି । ସର୍ବୋପରି ୧୯୬୧ ମସିହା ଏପ୍ରିଲ ମାସରେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପାର୍ଲାମେଣ୍ଟର ରାଜ୍ୟସଭାକୁ ସଦସ୍ୟ ଭାବେ (ଏମ୍.ପି.) ନିର୍ବାଚିତ ହୋଇ ୧୯୭୨ ମସିହା ଏପ୍ରିଲ ମାସ ପର୍ଯ୍ୟନ୍ତ ଓ ପୁନରାୟ ୧୯୭୮ ମସିହା ଏପ୍ରିଲ ମାସଠାରୁ ୧୯୮୪ ମସିହା ଏପ୍ରିଲ ମାସ ପର୍ଯ୍ୟନ୍ତ କାର୍ଯ୍ୟକରି ବହୁତ ଜନହିତକର କାର୍ଯ୍ୟ କରିଥିଲେ । ଓଡ଼ିଶା ସେବାଦଳ ଶାଖାର ମୁଖ୍ୟ ସଂଗଠକ ରୂପେ କାର୍ଯ୍ୟକରି ନିଜର ପରାକାଷ୍ଠା ପ୍ରଦାନ କରିପାରିଛନ୍ତି । ଜଣେ ଦକ୍ଷ ସଂଗଠକ ଓ ନିଷ୍ଠାପର ସେବକ ରୂପେ ସେ ଭାରତ ସେବକ ସମାଜର ପ୍ରଥମ ଯୁବଛାତ୍ର ସଂଗଠକ, ସେଣ୍ଟ ଜୋନ୍ ଆମ୍ବୁଲାନ୍‌ସର ସଭାପତି, ଜୁନିୟର ରେଡ଼କ୍ରସର ସଭାପତି ଓ ଓଡ଼ିଶା ରେଡ଼କ୍ରସ ସଂଗଠନର ସଂଗଠକ ଭାବେ କାର୍ଯ୍ୟ କରି ଖ୍ୟାତି ଅର୍ଜନ କରିପାରିଛନ୍ତି ।

ବର୍ତ୍ତମାନ ସେ ନିମାପଡ଼ା ଉଛବ ମଲିକ ଶହୀଦ ସ୍ମୃତି ସଂସଦର ସଭାପତି, ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ ବୋର୍ଡ଼ର ସଭାପତି, କଳିଙ୍ଗ ଫାଉଣ୍ଡେସନର ମୁଖ୍ୟ କର୍ଣ୍ଣଧାର ଓ ଗୋପବନ୍ଧୁ ଦରିଦ୍ର ନାରାୟଣ ଖଦୀ ଗ୍ରାମୋଦୟ ସଂଗଠନର କର୍ମକର୍ତ୍ତା ଭାବେ ଅଧିଷ୍ଠିତ । ବହୁବାର ରାଜ୍ୟ ତଥା ଜାତୀୟ ସ୍ତରରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଠାରୁ ପୁରସ୍କାର ଓ ଫଳକମାନ ପାଇଛନ୍ତି । ବର୍ତ୍ତମାନ ତାଙ୍କ ଶେଷ ଜୀବନରେ ଠାକୁର ନିଗମାନନ୍ଦଙ୍କର ଜଣେ ପରମ ଭକ୍ତ ଭାବରେ ଦୀକ୍ଷିତ ହୋଇ ଧର୍ମ ସଂଗଠନର କାର୍ଯ୍ୟ କରୁଛନ୍ତି । ଏହି ସଂଗଠନରେ ଥିବା ଭକ୍ତମାନଙ୍କୁ କରାଇବାରେ ତାଙ୍କର ଅକ୍ଲାନ୍ତ ଉଦ୍ୟମ ଜାରି ରଖିଛନ୍ତି । ଏତଦ୍‌ବ୍ୟତୀତ ଓଡ଼ିଶା ସ୍ତରରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ପରାମର୍ଶଦାତା ତଥା ମୁଖ୍ୟ କର୍ଣ୍ଣଧାର ରୂପେ ଅଧିଷ୍ଠିତ ହୋଇ ସୂଚାରୁ ଭାବରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

ଆଜି ଭବାନୀବାବୁ ୮୬ ବର୍ଷ ବୟସରେ ପଦାର୍ପଣ କଲେ ମଧ୍ୟ ଯୁବ ସୁଲଭ ପରି ସେ ଅଟନ୍ତି ଚଳଚଞ୍ଚଳ, କାର୍ଯ୍ୟକ୍ଷମ ଓ କର୍ମତତ୍ପର । ସଦାସର୍ବଦା ସେ କାର୍ଯ୍ୟରେ ବ୍ୟସ୍ତ ଓ ବିବ୍ରତ ରହିଥାନ୍ତି ଶହ ଶହ ଲୋକଙ୍କ କାର୍ଯ୍ୟରେ ।

ଆଜିର ଯୁବସମାଜ ତଥା ଭବିଷ୍ୟତର ନାଗରିକ ଭବାନୀବାବୁଙ୍କ ନୀତି ଓ ଆଦର୍ଶ ଇତ୍ୟାଦି ମହତ ଗୁଣଗୁଡ଼ିକୁ ସେମାନଙ୍କର ଦୈନନ୍ଦିନ କର୍ମମୟ ଜୀବନରେ କାର୍ଯ୍ୟକାରୀ କରାଇବା ଏକାନ୍ତ ବାଞ୍ଛନୀୟ ।

ଘ.ନଂ.- ଟୁ.ଆର୍.ଏ-୩୫/୭
ଆଠ ନମ୍ବର, ଭୁବନେଶ୍ୱର

## ପଟ୍ଟାମୁଣ୍ଡାଇରେ ମିନି ଷ୍ଟାଡିୟମ ନିର୍ମାଣ କରାଯିବ

ପଟ୍ଟାମୁଣ୍ଡାଇର କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀମାନଙ୍କର ଦୀର୍ଘଦିନର ଦାବିପୂରଣ କରି ଖୁବ୍‌ଶୀଘ୍ର ପଟ୍ଟାମୁଣ୍ଡାଇରେ ଏକ ମିନି ଷ୍ଟାଡ଼ିୟମ୍ ନିର୍ମାଣ କରାଯିବ ବୋଲି ଗତ ୯ ତାରିଖରେ 'ପଟ୍ଟାମୁଣ୍ଡାଇ ମହୋତ୍ସବ - ୨୦୦୮'ର ମୁଖ୍ୟ ଅତିଥିଭାବେ ଉଦ୍‌ବୋଧନ ଦେଇ କ୍ରୀଡ଼ା ଓ ଯୁବସେବା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକ ସୂଚନା ଦେଇଥିଲେ ।

ପଟ୍ଟାମୁଣ୍ଡାଇ କସ୍ତୁରୀ କାଳୀନିକେତନ ଆନୁକୂଲ୍ୟରେ ଦ୍ୱିତୀୟ ବର୍ଷ ପାଇଁ ପଟ୍ଟାମୁଣ୍ଡାଇ ମହୋତ୍ସବ-୨୦୦୮, ସ୍ଥାନୀୟ ଶ୍ରୀରାମ ମନ୍ଦିର ସମ୍ମୁଖସ୍ଥ ମୁକ୍ତମଞ୍ଚରେ ଉଦ୍‌ଘାଟିତ ହୋଇଯାଇଛି । ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଯେ, ଗ୍ରାମାଞ୍ଚଳର ଲୁକ୍କାୟିତ କଳା ଓ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହିତ କରୁଛନ୍ତି । ଖୁବ୍‌ଶୀଘ୍ର ପଟ୍ଟାମୁଣ୍ଡାଇରେ ଏକ ମିନି ଷ୍ଟାଡ଼ିୟମ୍ ନିର୍ମାଣ ହେବାକୁ ଯାଉଥିବା ସଂପର୍କରେ ସେ ସୂଚନା ଦେଇଥିଲେ ।

ପଟ୍ଟାମୁଣ୍ଡାଇ ବିଧାୟକ ଶ୍ରୀ କିଶୋର ଚନ୍ଦ୍ର ଘଡ଼ାଇ ସମ୍ମାନିତ ଅତିଥି ଭାବରେ ଉଦ୍‌ବୋଧନ ଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ କଳା, ସଂସ୍କୃତି ଓ ସାହିତ୍ୟର ବିକାଶ ପାଇଁ ସେ ସାଧ୍ୟମତେ ଉଦ୍ୟମ କରିବେ ବୋଲି କହିଥିଲେ । ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ରୁଚିମନ୍ତ କରିବା ପାଇଁ ସେ ମଧ୍ୟ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ନିଶିକାନ୍ତ ପ୍ରଧାନ କହିଲେ ଯେ ପଟ୍ଟାମୁଣ୍ଡାଇ ମହୋତ୍ସବ ପଟ୍ଟାମୁଣ୍ଡାଇ ଜନଜୀବନର ପ୍ରତିଛବି ହେବା ଆବଶ୍ୟକ ।

କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ କାଶୀନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଲେ ଯେ ଏହିଭଳି ଉତ୍ସବ ସାଂପ୍ରତିକ ସମାଜରେ ଶାନ୍ତି ଓ ସଦ୍‌ଭାବନା ସୃଷ୍ଟି କରିବାରେ ସହାୟକ ହେବ ।

ଉତ୍ସବରେ କସ୍ତୁରୀ କଳା ନିକେତନର ସଭାପତି ଶ୍ରୀ ଦିବାକର ବିଶ୍ୱାଳ ଅଧକ୍ଷତା କରିଥିଲେ ଏବଂ ସଂପାଦକ ତପନ କୁମାର ଦାସ ବିବରଣୀ ପାଠ କରିଥିଲେ । କଳା ନିକେତନର ଉପସଭାପତି ଅଧ୍ୟାପକ ଶଙ୍କର୍ଷଣ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସଂପାଦକ ପ୍ରମୋଦ କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବର୍ଷିୟାନ କଳାକାର ଉତ୍ତମ ଚରଣ ସୂତାରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଜିଲ୍ଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଏବଂ ରାଜ୍ୟ ଯୁବ ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା କସ୍ତୁରୀ କଳା ନିକେତନ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ସାଂସ୍କୃତିକ ସଂପାଦକ ନବକିଶୋର ପଣ୍ଡାଙ୍କ ପରିଚାଳନା ପ୍ରଥମେ ଖ୍ୟାତନାମା କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ ଶରତ ନାୟକଙ୍କ ଭଜନ ପରିବେଷଣ ସହ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।